
# ସାହିତ୍ୟ ଅକାଦେମୀ ଫେଲୋଶିପ୍



କବି ଜୟନ୍ତ ମହାପାତ୍ର




ଆମ ଦେଶରେ ଜାତୀୟସ୍ତରର ସର୍ବୋଚ୍ଚ ସାହିତ୍ୟ ସଂସ୍ଥା ହେଉଛି ସାହିତ୍ୟ ଅକାଦେମୀ ଯାହାକୁ ଆମେ ସାଧାରଣତଃ କେନ୍ଦ୍ର ସାହିତ୍ୟ ଅକାଦେମୀ ବୋଲି କହିଥାଉ । ଆମ ଦେଶର ବିଭିନ୍ନ ଭାଷାର ବିଶିଷ୍ଟ ସାହିତ୍ୟିକମାନଙ୍କୁ ତାହାର ସର୍ବୋଚ୍ଚ ସମ୍ମାନ 'ଫେଲୋଶିପ୍' ବା ମହତ୍ତର ସଦସ୍ୟତା ପ୍ରଦାନ କରିଥାଏ । ଅକାଦେମୀର ସମ୍ବିଧାନ ଅନୁସାରେ ଦେଶର ଏକୋଇଶ ଜଣ ଅତ୍ୟନ୍ତ ପ୍ରତିଷ୍ଠିତ ଲେଖକଙ୍କୁ ଏହି ମହତ୍ତର ସଦସ୍ୟତା ବା ଫେଲୋ ମେମ୍ବର ସମ୍ମାନ ପ୍ରଦାନ କରିଯିବାର ବ୍ୟବସ୍ଥା ରହିଛି । ଏଥି ସହିତ ପଚାଶ ଜଣ ଆସୋସିଏଟ୍ ଫେଲୋ ଓ ପାଞ୍ଚ ଜଣ ବିଦେଶୀ ଲେଖକଙ୍କୁ ଏହି ସମ୍ମାନ ପ୍ରଦାନର ବ୍ୟବସ୍ଥା ରହିଥିଲା । ଏହା ସତ୍ତ୍ୱେ କେବେ ବି ଏହି ପଚାଶ ଜଣ ଆସୋସିଏଟ୍ ଫେଲୋ ସମ୍ମାନ କାହାରିକୁ ପ୍ରଦାନ କରାଯାଇନାହିଁ, ବରଂ ୧୯୯୯ ମସିହାରେ ଏହି ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି । ଅନ୍ୟ ପକ୍ଷରେ ବିଦେଶୀ ଲେଖକଙ୍କ ପାଇଁ ଏହା ଏଯାଏ ପ୍ରଚଳିତ ରହିଛି ।






କେନ୍ଦ୍ର ସାହିତ୍ୟ ଅକାଦେମୀର ପ୍ରଥମ ସଭାପତି ଜବାହରଲାଲ ନେହରୁଙ୍କ ପରଲୋକ ପରେ ତାଙ୍କୁ ମରଣୋତ୍ତର ଭାବେ ଅକାଦେମୀର ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନ ପାଇଁ ପ୍ରସିଦ୍ଧ ଲେଖକ ମୁଲକ ରାଜ୍ ଆନନ୍ଦ ପ୍ରସ୍ତାବ ଦେଇଥିଲେ ମଧ୍ୟ ତାହା ନାକଚ ହୋଇଯାଇଥିଲା ଏବଂ କୁହାଯାଇ ଥିଲା ଯେ ଏହା କେବଳ ଜୀବିତ ଲେଖକମାନଙ୍କ ପାଇଁ ହିଁ ଉଦ୍ଦିଷ୍ଟ । ଅକାଦେମୀର ସାଧାରଣ ପରିଷଦର କୌଣସି ସଦସ୍ୟଙ୍କୁ ଏହା ପ୍ରଦାନ କରାଯିବାର କୌଣସି ବ୍ୟବସ୍ଥା ମଧ୍ୟ ନାହିଁ । କାରଣ ଏହି ମହତ୍ତର ସଦସ୍ୟତା ସମ୍ମାନ ପ୍ରଦାନ କରାଯାଇଥାଏ ସାଧାରଣ ପରିଷଦର ମନୋନୟନ ମାଧ୍ୟମରେ । ଏ କ୍ଷେତ୍ରରେ କେବଳ ଥରଟିଏ ବ୍ୟତିକ୍ରମ କରାଯାଇ ତାମିଲ ଭାଷାର ବିଶିଷ୍ଟ କଥାକାର ତଥା ତତ୍‌କାଳୀନ ପରିଷଦର ସଦସ୍ୟ ଦଣ୍ଡପାଣି ଜୟକାନ୍ତନଙ୍କୁ ଏହା ପ୍ରଦାନ କରାଯାଇଥିଲା । ଏସବୁ ପ୍ରସଙ୍ଗ ଉତ୍‌ଥାପନର ଉଦ୍ଦେଶ୍ୟ ହେଉଛି ଯେ ଏହି ସମ୍ମାନ ତା'ର ଗରିମା ଓ ସୁନାମ ବଜାୟ ରଖିବାରେ ସକ୍ଷମ ହୋଇପାରିଛି ।


ଅକାଦେମୀ ଗଠନରେ ଭାରତର ପ୍ରଥମ ଉପରାଷ୍ଟ୍ରପତି ବିଶିଷ୍ଟ ଦାର୍ଶନିକ ତଥା ଲେଖକ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ଏବଂ ଅକାଦେମୀ ଗଠନର ଚଉଦ ବର୍ଷ ପରେ ତାଙ୍କୁ ସର୍ବ ପ୍ରଥମେ ଏହି 'ଫେଲୋ ସମ୍ମାନ' ପ୍ରଦାନ କରାଯାଇଥିଲା । ଏକଦା ସେ ଅକାଦେମୀ ସାଧାରଣ ପରିଷଦର ସଦସ୍ୟ, ପ୍ରଥମ ଉପସଭାପତି ଓ ପରବର୍ତ୍ତୀ ସମୟରେ ସଭାପତି ପଦ ଅଳଙ୍କୃତ କରିଥିଲେ । ଭାରତୀୟ ଚିନ୍ତନ ଓ ବିଶ୍ୱମାନବିକତା କ୍ଷେତ୍ରରେ ତାଙ୍କର ଅନନ୍ୟ ଅବଦାନ ପାଇଁ ତାଙ୍କୁ ଏହି ମହତ୍ତର ସଦସ୍ୟତା ସମ୍ମାନ ଅର୍ପଣ କରାଯାଇଥିଲା । ସେହିପରି ୧୯୭୯ ମସିହାରେ ଆମ ଦେଶରେ ପ୍ରଥମ ଲେଖିକା ଭାବେ ହିନ୍ଦୀ ସାହିତ୍ୟର ପ୍ରସିଦ୍ଧ ଲେଖିକା ମହାଦେବୀ ବର୍ମାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ତାଙ୍କ ପରେ ମାଲୟାଲୀ ସାହିତ୍ୟର ଲେଖିକା ବାଲାମଣି ଆମ୍ମା, ବଙ୍ଗଳାର ଆଶାପୂର୍ଣ୍ଣା ଦେବୀ, ଉର୍ଦ୍ଦୁର କୁରୁତ୍ତରଏଲେନ୍ ହାଇଦର୍, ହିନ୍ଦୀର କ୍ରିଷ୍ଣା ସୋବ୍‌ତୀ, ପଞ୍ଜାବୀ ଭାଷାର ଅମୃତା ପ୍ରୀତମ୍ ଓ ଇଂରାଜୀ ଭାଷାର ଲେଖିକା ଅନୀତା ଦେଶାଇ ପ୍ରମୁଖଙ୍କୁ ଏହି ସମ୍ମାନରେ ବିଭୂଷିତ କରାଯାଇଛି ।


ଏହି ସମ୍ମାନ ଏକ ମନୋନୟନ ପଦ୍ଧତିରେ ସମ୍ପନ୍ନ ହୋଇଥାଏ । ପ୍ରଥମେ ଅକାଦେମୀର ଏକ୍‌ଜିକ୍ୟୁଟିଭ୍ ବୋର୍ଡ଼ ଲେଖକମାନଙ୍କ ନାମ ସାଧାରଣ ପରିଷଦ ବା ଜେନେରାଲ୍ କାଉନ୍‌ସିଲଙ୍କୁ ପଠାଇଥା'ନ୍ତି ଏବଂ ଏହି କାଉନ୍‌ସିଲ୍ ହିଁ ଶେଷ ନିଷ୍ପତ୍ତି ଗ୍ରହଣ କରିଥାଏ । ସଦାବେଳେ ଏହି ସଂଖ୍ୟା ଏକୋଇଶ ଭିତରେ ସୀମିତ ରହିଥାଏ । ୧୯୬୮ ମସିହାରୁ ଏହା ପ୍ରଦାନ କରାଯାଇଆସୁଛି । ଏଯାବତ୍ ଆମ ଦେଶର ସାହିତ୍ୟିକମାନଙ୍କ ମଧ୍ୟରୁ ବୟାନବେ ଜଣଙ୍କୁ ଏହା ଅର୍ପଣ କରାଯାଇଛି । ପ୍ରସଙ୍ଗକ୍ରମେ ଉଲ୍ଲେଖନୀୟ ଯେ ଏହି ସମ୍ମାନ ଲେଖକ/ ଲେଖିକାଙ୍କ ଜୀବଦ୍ଦଶା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ରହିଥାଏ, ତାଙ୍କ ବିୟୋଗ ପରେ ସେହି ଶୂନ୍ୟସ୍ଥାନ ଉପରୋକ୍ତ ପଦ୍ଧତି ଅନୁସାରେ ପୂରଣ ହୋଇଥାଏ ।

ଆମ ଓଡ଼ିଆ ଭାଷାର ଯେଉଁ ଲେଖକମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି, ସେମାନଙ୍କ ମଧ୍ୟରେ ଅଛନ୍ତି **କାଳିନ୍ଦୀ ଚରଣ ପାଣିଗ୍ରାହୀ** (୧୯୭୧ ମସିହାରେ ପ୍ରଦତ୍ତ), **କାହ୍ନୁଚରଣ ମହାନ୍ତି** (୧୯୯୪),



**ସଚ୍ଚିଦାନନ୍ଦ ରାଉତରାୟ** (୧୯୯୬), **ମନୋଜ ଦାସ** (୨୦୦୬), **ରମାକାନ୍ତ ରଥ** (୨୦୦୯), **ଡ. ସୀତାକାନ୍ତ ମହାପାତ୍ର** (୨୦୧୩), ଏବଂ ଚଳିତ ବର୍ଷ **କବି ଜୟନ୍ତ ମହାପାତ୍ର**। ଦେଶର ସମୁଦାୟ ଏକୋଇଶ ଜଣ ଏହି ମହତ୍ତର ସଦସ୍ୟ ବା ଫେଲୋଙ୍କ ମଧ୍ୟରୁ ଆମ ଓଡ଼ିଆ ଭାଷାରେ ସମ୍ପ୍ରତି ଚାରିଜଣ ବିଶିଷ୍ଟ ସାହିତ୍ୟିକ ଏହି ସମ୍ମାନର ଅଧିକାରୀ ହୋଇ ଓଡ଼ିଆ ସାହିତ୍ୟର ଗରିମା ବୃଦ୍ଧି କରିଛନ୍ତି।


ଏହି ଫେଲୋ ସମ୍ମାନ ବିଭାଗ ଅନ୍ତର୍ଗତ ଆଉ ତିନୋଟି ସମ୍ମାନ ରହିଛି। ତାହା ହେଉଛି ବିଶ୍ୱର ଯେକୌଣସି ଦେଶର ଲେଖକମାନଙ୍କ ପାଇଁ ଅନରାରୀ ଫେଲୋ, ପ୍ରେମଚନ୍ଦ ଫେଲୋ ଓ ଡ. ଆନନ୍ଦ କୁମାର ସ୍ୱାମୀ ଫେଲୋଶିପ୍। ଏହି ବର୍ଗରେ ପ୍ରଥମ ଫେଲୋଶିପ୍‌ର ସମୟ ମାତ୍ର ଦଶବର୍ଷ ବା ନିର୍ଦ୍ଧାରିତ ସମୟ ପାଇଁ ହୋଇଥିବା ବେଳେ, ପ୍ରେମଚନ୍ଦ ଫେଲୋଶିପ୍ ଭାରତ ବ୍ୟତୀତ ସାର୍କଦେଶର କୌଣସି ଲେଖକ ଲେଖିକାଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ପ୍ରେମଚନ୍ଦ ଫେଲୋଶିପ୍ ପାଇଁ ପ୍ରାପକଙ୍କୁ ଏକ ସନ୍ଦର୍ଭ ରଚନା କିମ୍ବା ବକ୍ତୃତା ଦେବାକୁ ପଡ଼ିଥାଏ। ସେହିପରି କୁମାରସ୍ୱାମୀ ଫେଲୋଶିପ୍ ସମଗ୍ର ଏସିଆ ମହାଦେଶର ଲେଖକ ଲେଖିକାଙ୍କ ପାଇଁ ସଂରକ୍ଷିତ ରହିଥାଏ। ପ୍ରଥମେ ଏହା ୧୯୯୬ ମସିହାରେ ପ୍ରବର୍ତ୍ତିତ ହୋଇଥିବା ବେଳେ ୨୦୦୫ ମସିହା ଠାରୁ ଏହା ଆଉ କାର୍ଯ୍ୟକାରୀ ହେଉନାହିଁ। ବିଦେଶୀ ଲେଖକମାନଙ୍କ ପାଇଁ ଉଦ୍ଦିଷ୍ଟ ଏଇ ଅନନାରୀ ଫେଲୋ ସମ୍ମାନ ୧୯୭୪ ମସିହାରୁ ୨୦୧୫ ମସିହା ମଧ୍ୟରେ ତେରଜଣ ବିଖ୍ୟାତ ଲେଖକ ଲେଖିକାଙ୍କୁ ଅର୍ପଣ କରାଯାଇଛି। ଏମାନଙ୍କ ମଧ୍ୟରେ ମରିଶସ୍‌ର ବିଶିଷ୍ଟ ହିନ୍ଦୀ କଥାକାର ଅଭିମୁଖ୍ୟ ଅନତ ଓ ନୋବେଲ ପୁରସ୍କାର ବିଜୟୀ ଔପନ୍ୟାସିକ ଭି.ଏସ୍ ନଇପାଲ୍‌ଙ୍କ ନାମ ଉଲ୍ଲେଖନୀୟ। ଏଠାରେ ଉଲ୍ଲେଖନୀୟ ଯେ ଏହି ତିନୋଟି ଫେଲୋଶିପ୍ ସମ୍ମାନ ଏକ ନିର୍ଦ୍ଦିଷ୍ଟ ଅବଧି କାଳର ହୋଇଥିବା ବେଳେ ଆମ ଦେଶର ଲେଖକମାନଙ୍କ ପାଇଁ ଉଦ୍ଦିଷ୍ଟ ମହତ୍ତର ସଦସ୍ୟତା ଲେଖକ ଲେଖିକାଙ୍କର ଶେଷ ଜୀବନ ଯାଏ ବଳବତ୍ତର ରହିଥାଏ। ତେଣୁ ଏହାକୁ ବିଚାର କଲେ ମହତ୍ତର ସଦସ୍ୟତା ସମ୍ମାନ ଗରିମାମୟ ନିଶ୍ଚୟ।


୨୦୧୯ ମସିହା ଜାନୁଆରୀ ୩୦ ତାରିଖରେ କେନ୍ଦ୍ର ସାହିତ୍ୟ ଅକାଦେମୀ ନିଷ୍ପତ୍ତି ଗ୍ରହଣ କରିଛି ଚାରିଜଣ ବିଶିଷ୍ଟ ସାହିତ୍ୟିକଙ୍କୁ ଏହି ଫେଲୋ ସମ୍ମାନ ଅର୍ପଣ କରାଯିବ। ସେମାନଙ୍କ ମଧ୍ୟରେ ଅଛନ୍ତି ଇଂରାଜୀ-ଓଡ଼ିଆ ଭାଷାର ବିଶିଷ୍ଟ କବି ଜୟନ୍ତ ମହାପାତ୍ର, ହିନ୍ଦୀ ଭାଷାର କଥାଶିଳ୍ପୀ ପଦ୍ମା ସଚଦେବ ଓ ହିନ୍ଦୀ ଭାଷାର କବି ତଥା ସାହିତ୍ୟ ଅକାଦେମୀର ପୂର୍ବତନ ସଭାପତି ଡ. ବିଶ୍ୱନାଥ ପ୍ରସାଦ ତିୱାରୀ ଓ ଅସମୀୟା ଭାଷାର କଥାଶିଳ୍ପୀ ନଗେନ ସଇକିଆ।


ଏହି ପ୍ରାପକମାନଙ୍କ ମଧ୍ୟରେ ଡ଼ୋଗ୍ରୀ ଓ ହିନ୍ଦୀ ଭାଷାର ଯଶସ୍ୱୀ ଲେଖିକା ପଦ୍ମା ସଚଦେବ (୧୯୪୦) ଜାମ୍ମୁ କଶ୍ମୀରରେ ଜନ୍ମ ଗ୍ରହଣ କରିଛନ୍ତି। ଜଣେ କବି ଓ ଔପନ୍ୟାସିକା ଭାବେ ସେ ବହୁ ପରିଚିତା। ତାଙ୍କ ରଚିତ 'ମେରୀ କବିତା ମେରେ ଗୀତ' ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ଲାଭ କରିଥିଲା। ୨୦୦୭-୦୮ ମସିହାରେ ସେ କବୀର ସମ୍ମାନ, ଦୀନୁଭାଇ ପନ୍ଥ ପୁରସ୍କାର, ଭାରତୀୟ ଭାଷା ପରିଷଦ ସମ୍ମାନ, ୨୦୧୫ରେ ତାଙ୍କ ଆତ୍ମଜୀବନୀ 'ଚିତ୍ତ-ଚେତେ' ପାଇଁ ସେ ସରସ୍ୱତୀ ସମ୍ମାନ ପାଇବା ସହିତ ୨୦୦୧ ମସିହାରେ ପଦ୍ମଶ୍ରୀ ସମ୍ମାନ ପ୍ରାପ୍ତ। ଭ୍ରମଣ କାହାଣୀ ରଚନାରେ ମଧ ତାଙ୍କର ବିଶେଷ ପରିଚିତି ରହିଛି। ଦଶଟି କବିତା ସଙ୍କଳନ ଏବଂ ପନ୍ଦରଟି କ୍ଷୁଦ୍ରଗଳ୍ପ ଓ ଉପନ୍ୟାସର ଏହି ସ୍ରଷ୍ଟାଙ୍କୁ କେନ୍ଦ୍ର ସାହିତ୍ୟର ସର୍ବୋଚ୍ଚ ସମ୍ମାନ 'ଫେଲୋ' ପ୍ରଦାନ କରାଯିବ।

କେନ୍ଦ୍ର ସାହିତ୍ୟ ଅକାଦେମୀର ପୂର୍ବତନ ଅଧକ୍ଷ ପ୍ରଫେସର ବିଶ୍ୱନାଥ ପ୍ରସାଦ ତିୱାରୀ (୧୯୪୦)ଙ୍କର ରହିଛି ହିନ୍ଦୀ ସାହିତ୍ୟର ବିଭିନ୍ନ ବିଭାଗରେ ପ୍ରାୟ ପଚାଶ ଖଣ୍ଡ ପୁସ୍ତକ, ଯାହା ମଧ୍ୟରେ ମୌଳିକ କବିତା, ଆଲୋଚନା, ଭ୍ରମଣ କାହାଣୀ, ଆତ୍ମଜୀବନୀ ଓ ପ୍ରବନ୍ଧ ସଙ୍କଳନ ଅନ୍ତର୍ଭୁକ୍ତ। ଗୋରଖପୁର ବିଶ୍ୱବିଦ୍ୟାଳୟର ହିନ୍ଦୀ ସାହିତ୍ୟ ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟ କରି ସେ ୨୦୦୧ ମସିହାରେ ଅବସର ଗ୍ରହଣ କରିଛନ୍ତି। ସେ ତାଙ୍କ ସୃଜନକୃତି ପାଇଁ ହିନ୍ଦୀ ଗୌରବ ସମ୍ମାନ, ବ୍ୟାସ ସମ୍ମାନ, ସାହିତ୍ୟ ଭୂଷଣ ସମ୍ମାନ, ପୁଷ୍କିନ୍ ସମ୍ମାନ ଓ ଭାରତୀୟ ଭାଷା ପରିଷଦ ସମ୍ମାନ ସହିତ ବହୁ ପୁରସ୍କାର ଲାଭ କରିଛନ୍ତି। ବିଶ୍ୱର ବହୁ ଦେଶକୁ ଆମନ୍ତ୍ରିତ ହୋଇ ସେ ସାହିତ୍ୟ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଛନ୍ତି।

ଚଳିତ ବର୍ଷର ଚତୁର୍ଥ ପ୍ରାପକ ହେଉଛନ୍ତି ଅସମୀୟା ଭାଷାର ଚର୍ଚ୍ଚିତ






କଥାଶିଳ୍ପୀ ନଗେନ ସଇକିଆ । ତାଙ୍କ ରଚିତ ପ୍ରାୟ ୧୨୫ ଖଣ୍ଡ ପୁସ୍ତକ ପ୍ରକାଶିତ । ଏଥି ମଧ୍ୟରେ ରହିଛି କ୍ଷୁଦ୍ରଗଳ୍ପ, ସମାଲୋଚନା, ଭ୍ରମଣ କାହାଣୀ ଓ ବହୁ ସମ୍ପାଦିତ ଗ୍ରନ୍ଥ । ସେ ୧୯୮୬ରୁ ୧୯୯୨ ମସିହା ଯାଏ ରାଜ୍ୟସଭା ସଦସ୍ୟ ମଧ୍ୟ ରହିଛନ୍ତି । ସେ ତାଙ୍କ ସାହିତ୍ୟ କୃତି ପାଇଁ ସାହିତ୍ୟ ଅକାଦେମୀ ପୁରସ୍କାର, ଆସାମ ଭ୍ୟାଲି ସାହିତ୍ୟ ପୁରସ୍କାର, ହରିପ୍ରସାଦ ରାଇ ପୁରସ୍କାର, ଶବ୍ଦ ସାହିତ୍ୟ ପୁରସ୍କାର ସମେତ ବହୁ ସମ୍ମାନର ଅଧିକାରୀ ହୋଇଛନ୍ତି ।

ଏହି ଚାରିଜଣଙ୍କ ମଧ୍ୟରୁ ସର୍ବପ୍ରଥମେ ଆମ ଭାଷାର ଯଶସ୍ୱୀ ଦରଦୀ କବି ଜୟନ୍ତ ମହାପାତ୍ରଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମୀ ତରଫରୁ କଟକଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସର୍ବୋଚ୍ଚ ସମ୍ମାନ ମେ ମାସ ୨୫ ତାରିଖ ଦିନ ଅର୍ପଣ କରାଯାଇଛି । ଅକାଦେମୀର ବିଧି ଅନୁଯାୟୀ ଏକ 'ସମ୍ବାଦ' କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ହିନ୍ଦୀ ଭାଷାର ପ୍ରଖ୍ୟାତ କବି ପ୍ରଫେସର ଅରୁଣ କମଲ, ଇଂରାଜୀ ସାହିତ୍ୟ କବି ଓ ଆଲୋଚିକା ସୁକୃତି ପାଲ୍ କୁମାର ଓ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ କବି ଜୟନ୍ତ ମହାପାତ୍ରଙ୍କ ଇଂରାଜୀ ଓ ଓଡ଼ିଆ କବିତା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଉତ୍ସବରେ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ଯଥାକ୍ରମେ ଓଡ଼ିଆ ବିଭାଗର ଆବାହକ ଡ. ବିଜୟାନନ୍ଦ ସିଂହ ଓ ଉପଦେଷ୍ଟା ମଣ୍ଡଳୀର ସଭ୍ୟ କଥାକାର ଡ. ତରୁଣ କୁମାର ସାହୁ ।

ଫେଲୋ ସମ୍ମାନ ଅର୍ପଣ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ଅକାଦେମୀର ସଭାପତି ବିଶିଷ୍ଟ କନ୍ନଡ଼ କବି, ନାଟ୍ୟକାର ଓ ଔପନ୍ୟାସିକ ଚନ୍ଦ୍ରଶେଖର କମ୍ବାର ଏବଂ ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ ଅକାଦେମୀର ସଚିବ ଡ. କେ. ଶ୍ରୀନିବାସ ରାଓ । ସାହିତ୍ୟ ଅକାଦେମୀର ସଭାପତି ପ୍ରଫେସର କମ୍ବାର କବି ଜୟନ୍ତ ମହାପାତ୍ରଙ୍କୁ ଫେଲୋଶିପ୍ ପ୍ରଦାନ କରି କହିଲେ ଯେ କବି ଶ୍ରୀ ମହାପାତ୍ରଙ୍କ ନିଷ୍ଠାପର ସାରସ୍ୱତ ସାଧନା ତାଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଆଣି ଦେଇଛି । ତାଙ୍କ ସୃଜନଶୀଳ ବ୍ୟକ୍ତିତ୍ୱ ସମସ୍ତଙ୍କ ପାଇଁ ଦୃଷ୍ଟାନ୍ତ ଓ ଆଗାମୀ ପିଢ଼ି ପ୍ରେରଣାର ଉତ୍ସ ବୋଲି ଅଭିମତ ପୋଷଣ କରିଥିଲେ ।

ଏହି ଅବସରରେ କେନ୍ଦ୍ର ସାହିତ୍ୟ ଅକାଦେମୀ ତରଫରୁ ପ୍ରକାଶିତ କବି ଜୟନ୍ତ ମହାପାତ୍ରଙ୍କ ପଦ୍ୟ ଓ ଗଦ୍ୟ ରଚନା ସହ ତାଙ୍କ ସହିତ ସାକ୍ଷାତକାର, ଚିଠିପତ୍ର, ଆଲୋଚନା ଏବଂ ବିଭିନ୍ନ ସହକବିମାନଙ୍କ ସମ୍ପର୍କରେ ସେ ଲେଖିଥିବା ଅନେକ ଗୁଡ଼ିଏ ଲେଖା ସମାହିତ 'ଜୟନ୍ତ ମହାପାତ୍ର ଏ ରିଡ଼ର' ଶୀର୍ଷକରେ ଏକ ଇଂରାଜୀ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏହି ଉନ୍ମୋଚନ ପର୍ବରେ ବିଶିଷ୍ଟ କବି ରମାକାନ୍ତ ରଥ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ । ପୁସ୍ତକର ସମ୍ପାଦନା କରିଛନ୍ତି ଯୁବକବି ଦୁର୍ଗାପ୍ରସାଦ ପଣ୍ଡା ।

## ଏହି ସମାରୋହରେ ସାହିତ୍ୟ ଅକାଦେମୀର ସଚିବ ଡ. କେ. ଶ୍ରୀନିବାସରାଓଙ୍କ ପ୍ରାରମ୍ଭିକ ଅଭିଭାଷଣ



ଭାରତ ହେଉଛି କବିତାର ଦେଶ । କାହିଁ କେଉଁ ପ୍ରାଚୀନ କାଳରୁ ଆଜି ଯାଏ ଏହା କବିତାର ଦେଶ ହୋଇ ରହିଆସିଛି । ପୁରାଣ ଯୁଗରୁ ଶ୍ଳୋକ, ସୂକ୍ତ ଓ ଦୋହାଠାରୁ ଆରମ୍ଭ କରି ମଧ୍ୟଯୁଗ ଓ ଆଧୁନିକକାଳ ଯାଏ ଏହା କବିତା କ୍ଷେତ୍ରରେ ଉତ୍କର୍ଷ ଲାଭ କରିଆସିଛି । କବିତା କେବେ ଠାରୁ ଏଇ ଭାରତରେ ଜନ୍ମ ନେଲା ସେ ସମ୍ପର୍କରେ ଆଲୋଚନା ନିଷ୍ପ୍ରୟୋଜନ । କବିତା ହେଉଛି ବ୍ୟକ୍ତି ଚେତନା ଓ ଅନୁଭବର ପରିପ୍ରକାଶ । ପ୍ରାୟତଃ ଏବେ ସାରା ବିଶ୍ୱରେ ଏହି ଭୂମିର କବିତା ପ୍ରତି ପାଠକ ଉନ୍ମୁଖ ରହିଛନ୍ତି । ମୁଁ ଏ କଥା କହିବାର ଆଭିମୁଖ୍ୟ ହେଉଛି ଆଜି ଯାହାଙ୍କ ପାଇଁ ଏହି ଉତ୍ସବର ଆୟୋଜନ ସେ ହେଉଛନ୍ତି ଲକ୍ଷଲକ୍ଷ କବିତା ପ୍ରେମୀଙ୍କ ନାୟକ । ଭାରତୀୟ ଭାଷା ଗୁଡ଼ିକର କବିତା, ଇଂରାଜୀ ଭାଷାରେ ଅନୂଦିତ ହେବା ଫଳରେ ତାହା ବିଶ୍ୱକୁ ଆମ କବିତାର ଗରିମା ସମ୍ପର୍କରେ ସୂଚାଇ ଦେବାରେ ସମର୍ଥ ହେଉଛି ।

ପ୍ରଫେସର ଜୟନ୍ତ ମହାପାତ୍ର ହେଉଛନ୍ତି ଏଇ ମାଟିର କବି । ତାଙ୍କ କବିତାର ପ୍ରତିଟି ପଙ୍କ୍ତିରେ ରହିଛି ଆମ ଭାରତୀୟତାର ସ୍ୱର । ତାଙ୍କ ବାସ୍ତବବାଦୀ କବିତାର ମଧ୍ୟ ଭାଗରେ ଥା'ନ୍ତି ସ୍ୱୟଂ କବି । ମୁଁ ତାଙ୍କ କବିତା ସମ୍ପର୍କରେ ଅଧିକ କ'ଣ କହିବି ? ଆଜି ଏହି ସମାରୋହର




'ସମ୍ବାଦ' କାର୍ଯ୍ୟକ୍ରମରେ କବିଙ୍କ କବିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବାକୁ ଅଭିଜ୍ଞ ଆଲୋଚକମାନେ ଅଛନ୍ତି । କବି ପ୍ରଫେସର ମହାପାତ୍ର ହେଉଛନ୍ତି କବିତା କ୍ଷେତ୍ରରେ ଜଣେ ଅସାଧାରଣ ଶକ୍ତିର ଅଧିକାରୀ । ମାନବୀୟ ଚେତନାର ସ୍ପଷ୍ଟରୂପ ତାଙ୍କ କବିତାର ମୂଳ ସୂତ୍ର, ତାଙ୍କ କବିତାରେ ରହିଛି ମାନବିକ ସମ୍ବେଦନଶୀଳତା । ତାଙ୍କ ରୁଚି ଓ ଆଗ୍ରହ ହେଉଛି ସାଧାରଣ ମଣିଷର କଥା କହିବା ଯାହା ସବୁ ବନ୍ଧନକୁ ଅଚିରେ ଅତିକ୍ରମ କରିଯାଏ । ତେଣୁ ତାହା ପାଠକମାନଙ୍କୁ ସ୍ପର୍ଶ କରେ, କେବଳ ଆମ ଦେଶରେ ନୁହେଁ ବିଦେଶରେ ମଧ୍ୟ ।

ସାହିତ୍ୟ ଅକାଦେମୀର ଫେଲୋଶିପ୍ ହେଉଛି ଏ ଦେଶରେ ଏହାର ସର୍ବୋଚ୍ଚ ସାରସ୍ୱତ ସମ୍ମାନ । ପ୍ରଫେସର ଜୟନ୍ତ ମହାପାତ୍ରଙ୍କ କବିତା ପ୍ରକୃତରେ ଅନାବିଳ, ଅମ୍ଳାନ ଓ ଅମର । ଏହି ସମାରୋହ ଯେଉଁ ଓଡ଼ିଶାରେ ଅନୁଷ୍ଠିତ ହେଉଛି ତାହା ଏକ ଐତିହ୍ୟ ସମ୍ପନ୍ନ ଭୂମି । ଫକୀର ମୋହନ ସେନାପତିଙ୍କ ଠାରୁ ଆରମ୍ଭ କରି ସମକାଳର ଲେଖକମାନଙ୍କ ଯାଏ ଏହା ନିରନ୍ତର ଭାବେ ବହୁ ବିଦ୍ୱାନ ଓ ଲେଖକଙ୍କୁ ଏହି ଓଡ଼ିଶା ଜନ୍ମ ଦେଇ ଆସିଛି । ଘଟଣାକ୍ରମେ ଏବେ ଓଡ଼ିଆ ସାହିତ୍ୟରେ ଚାରିଜଣ ଫେଲୋ ରହିଛନ୍ତି ଯାହା ସାହିତ୍ୟ ଅକାଦେମୀର ପଞ୍ଚଷଠି ବର୍ଷର ଇତିହାସରେ ଏକ ବିରଳ ଘଟଣା । ପ୍ରଫେସର ମନୋଜ ଦାସ, ରମାକାନ୍ତ ରଥ, ଡ. ସୀତାକାନ୍ତ ମହାପାତ୍ରଙ୍କ ସହିତ ପ୍ରଫେସର ଜୟନ୍ତ ମହାପାତ୍ର ଏହି ସମ୍ମାନରେ ଅଧିକାରୀ । ଆମେ ସମସ୍ତେ ଖୁସି ଯେ ଅକାଦେମୀର ସଭାପତି ପ୍ରଫେସର ଚନ୍ଦ୍ରଶେଖର କମ୍ବାରଙ୍କ ଅଧ୍ୟକ୍ଷତାରେ ସାଧାରଣ ପରିଷଦ ପ୍ରଫେସର ଜୟନ୍ତ ମହାପାତ୍ରଙ୍କୁ ଏହି ସମ୍ମାନ ପାଇଁ ମନୋନୀତ କରିଛି । ଭାରତୀୟ ସାହିତ୍ୟକୁ ରୁଦ୍ଧିମନ୍ତ କରିବା ସହିତ ସେ ତାଙ୍କ କବିତାକୁ ସମଗ୍ର ବିଶ୍ୱ ଦରବାରରେ ପହଞ୍ଚାଇ ବିପୁଳ ଶ୍ରଦ୍ଧା ସମ୍ମାନର ଅଧିକାରୀ ହୋଇପାରିଛନ୍ତି । ସେ ଏହି ସମ୍ମାନର ଯଥାର୍ଥ ପ୍ରାପକ । ମୁଁ ଅକାଦେମୀ ତରଫରୁ ଓଡ଼ିଶାର ଏହି ବିଶିଷ୍ଟ କବିଙ୍କୁ ଏହି ଅବସରରେ ଗଭୀର ସମ୍ମାନ ଜଣାଉଛି ।

**କଟକସ୍ଥିତ ଉତ୍କଳ ସାହିତ୍ୟ ସମାଜର ଶତାବ୍ଦୀ ଭବନରେ କବି ଜୟନ୍ତ ମହାପାତ୍ରଙ୍କୁ ମେ ୨୫ ତାରିଖ ସନ୍ଧ୍ୟାରେ କେନ୍ଦ୍ର ସାହିତ୍ୟ ଅକାଦେମୀର ସର୍ବୋଚ୍ଚ ସମ୍ମାନ 'ଫେଲୋଶିପ୍' ପ୍ରଦାନ ଅବସରରେ ଅକାଦେମୀ ପ୍ରଦତ୍ତ ପ୍ରଶସ୍ତିର ଅନୁବାଦ –**

ଶ୍ରୀ ଜୟନ୍ତ ମହାପାତ୍ର, ଯାହାଙ୍କୁ ଆଜି ସାହିତ୍ୟ ଅକାଦେମୀ ତାହାର ସର୍ବୋଚ୍ଚ ସମ୍ମାନ ମହତ୍ତର ସଦସ୍ୟତା (ଫେଲୋ ସମ୍ମାନ)ରେ ବିଭୂଷିତ କରୁଛି, ସେ ଇଂରାଜୀ ଓ ଓଡ଼ିଆ ଭାଷାରେ ଜଣେ ପ୍ରଖ୍ୟାତ ଭାରତୀୟ କବି । ଇଂରାଜୀ କବିତା କ୍ଷେତ୍ରରେ ସେ ହେଉଛନ୍ତି ପ୍ରଥମ ଭାରତୀୟ – ଇଂରାଜୀ କବି ଯାହାଙ୍କୁ ସାହିତ୍ୟ ଅକାଦେମୀ ୧୯୮୧ ମସିହାରେ ପୁରସ୍କୃତ କରିଛି । ଜୟନ୍ତ ମହାପାତ୍ର ଭାରତ ତଥା ବିଦେଶରେ ନିଜର ଶକ୍ତିଶାଳୀ, ସତତ୍ ସ୍ଫୁର୍ତ୍ତବ୍ୟ ତଥା ଗଭୀର ଅନ୍ତର୍ଦୃଷ୍ଟି ସମ୍ପନ୍ନ କବିତା ରଚନା ସକାଶେ ଉଲ୍ଲେଖନୀୟ ପ୍ରତିଷ୍ଠା ଓ ସୁନାମ ଅର୍ଜନ କରିଛନ୍ତି । ନିସ୍‌ସିମ ଇଜେକିଏଲ୍, କମଳା ଦାସ, ଏ. କେ. ରାମାନୁଜନ୍ ତଥା ଡମ୍ ମୋରେସ୍‌ଙ୍କ ସହିତ ଜୟନ୍ତ ମହାପାତ୍ର ଭାରତରେ ଇଂରାଜୀ ଭାଷାରେ କବିତା ରଚନାର ପ୍ରବର୍ତ୍ତକମାନଙ୍କ ମଧ୍ୟରୁ ଜଣେ । ଭାରତୀୟ ଅସ୍ତିତ୍ୱ ଓ ସତ୍ତାରେ ଦୃଢ଼ତାର ସହ ପ୍ରୋଥିତ ବିମ୍ବ, ରୂପକ ଓ ଉପମାକୁ ଆଧାର କରି, ବିଶେଷ ଭାବେ ଓଡ଼ିଶାର ଗ୍ରାମୀଣ ଜୀବନ ଓ ପରିଦୃଶ୍ୟକୁ ନେଇ

କବି ଜୟନ୍ତ ମହାପାତ୍ର ଇଂରାଜୀ ଭାଷାରେ ଏପରି ସବୁ କବିତା ରଚନା କରିଛନ୍ତି ଯାହାର ସ୍ୱର ଓ ସ୍ୱରୂପ ଅନନ୍ୟ ।

ନିର୍ବିବାଦରେ କୁହାଯାଇପାରେ ଯେ ଜୟନ୍ତ ମହାପାତ୍ର ଆଧୁନିକ ଭାରତର ସବୁଠୁ ପ୍ରଗତିଶୀଳ ଓ ଅଭିନବ କବିମାନଙ୍କ ମଧ୍ୟରୁ ଅନ୍ୟତମ । ଭାରତୀୟ ଜୀବନର କଠୋର ବାସ୍ତବିକତାରେ ଆନ୍ତରିକ ଭାବେ ଦ୍ରବୀଭୂତ ହୋଇ ସେ ସାମାଜିକ-ସାଂସ୍କୃତିକ ବିବିଧତା, ରୀତି ନୀତି, ମିଥ୍, ପରମ୍ପରା, ସ୍ୱୟଂ ଓ ବିଶ୍ୱଜନ ସମ୍ପର୍କ, ପ୍ରେମ, କ୍ରୋଧ, ହତାଶା, କ୍ଷୁଧା ଓ ଅଭାବ ତଥା ସାଧାରଣ ମଣିଷର ଦୁଃଖ ଓ ଦୁର୍ଦ୍ଦଶାକୁ ନେଇ ସମ୍ବେଦନଶୀଳ ଭାବେ ନିପୁଣତା ଓ ସ୍ୱାଭାବିକତାର ସହ କବିତା ରଚନା କରିଆସିଛନ୍ତି । ସେ ତାଙ୍କ କବିତା ମାଧ୍ୟମରେ ବିଷୟ ବସ୍ତୁ, ଉଭୟ କ୍ଷେତ୍ରରେ ଭାରତୀୟ ଭାବନା ଓ ଚିନ୍ତନକୁ ନିରନ୍ତର ଭାବେ ଉଦ୍‌ଘାଟିତ କରିଚାଲିଛନ୍ତି । ସେ ଭାରତୀୟ ସମ୍ବେଦନଶୀଳତା ଓ ସାମାଜିକ ଯଥାର୍ଥତାକୁ ଉତ୍ଥାପିତ କରିବାରେ ଅତ୍ୟନ୍ତ ଧୁରୀଣ । ସେ ତାଙ୍କ କବିତାରେ ସମକାଳୀନ ଦୃଶ୍ୟକୁ ଉଦ୍‌ବୋଧକ ଓ ଉଲ୍ଲେଖନୀୟ କଳ୍ପନା ମାଧ୍ୟମରେ ପ୍ରଦର୍ଶିତ କରି ଆସିଛନ୍ତି । ବାଲ୍ୟକାଳର ସ୍ମୃତି ସମୂହ, ଓଡ଼ିଶାର ଚିତ୍ର ତଥା ମାନବୀୟ ସମ୍ପର୍କ ତାଙ୍କ କବିତାରେ ବିଶେଷ ଭାବେ ସ୍ଥାନ ଗ୍ରହଣ କରିଥାଏ । ସମୃଦ୍ଧ ଓ ପରିଚ୍ଛନ୍ନ ଭାଷା ଦୃଶ୍ୟର ସମାହାରରେ ବାସ୍ତବିକ ଅନୁଭବର ବ୍ୟବସ୍ଥିତ ସମନ୍ୱୟ, କବି ଶ୍ରୀ ମହାପାତ୍ରଙ୍କ କବିତାର ଏକ ବିଶେଷ ବ୍ୟଞ୍ଜନାକୁ ସହଜରେ ପ୍ରକଟିତ କରିଥାଏ ।

ଏହି କବିଙ୍କର ଜନ୍ମ ଏକ ପ୍ରତିଷ୍ଠିତ ଓଡ଼ିଆ ପରିବାରରେ ୨୨ ଅକ୍ଟୋବର ୧୯୨୮ ମସିହାରେ ।୧୯୩୮ରୁ ୧୯୪୧ ମସିହା ଯାଏ ସେ କଟକର ଷ୍ଟିୱାର୍ଟ ୟୁରୋପିଆନ୍ ସ୍କୁଲରେ ଶିକ୍ଷା ଗ୍ରହଣ କରିଥିଲେ । ପରବର୍ତ୍ତୀ କାଳରେ ସେ ରେଭେନ୍ସା ମହାବିଦ୍ୟାଳୟରେ ପଦାର୍ଥଶାସ୍ତ୍ର ବିଷୟ ନେଇ ବିଜ୍ଞାନ ସ୍ନାତକ ଶ୍ରେଣୀରେ ଅଧ୍ୟୟନ କରିଥିଲେ । ବିଭାଜନ ପୂର୍ବ ତଥା ଦଙ୍ଗାଗ୍ରସ୍ତ ଭାରତରେ, ଯେତେବେଳେ ଇଂରେଜମାନେ ଆମ ଦେଶ ଛାଡ଼ି ଚାଲିଯାବାର ଉପକ୍ରମରେ ଥିଲେ, ସେତିକି ବେଳେ ସେ ପାଟନା ସାଇନ୍ସ କଲେଜରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତରର ଛାତ୍ର ଥିଲେ । ପଦାର୍ଥ ବିଜ୍ଞାନରେ ପ୍ରଥମ ଶ୍ରେଣୀ ପ୍ରାପ୍ତି ତାଙ୍କୁ ରେଭେନ୍ସା କଲେଜରେ ଅଧ୍ୟାପନା ବୃତ୍ତିରେ ଯୋଗ ଦେବାରେ ସହାୟକ ହୋଇଥିଲା । ତାହା ୧୯୪୯ ମସିହାର କଥା । ତାପରେ ସେ ଓଡ଼ିଶାର ବିଭିନ୍ନ କଲେଜରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଭାବେ ବଦଳି ହୋଇ ଅଧ୍ୟାପନା କରିଥିଲେ ମଧ୍ୟ ଇଂରାଜୀ ପୁସ୍ତକ, ବିଶେଷ ଭାବେ ଉପନ୍ୟାସ ପଠନରେ ଆଗ୍ରହୀ ହୋଇଉଠିଥିଲେ ।

ଆଶ୍ଚର୍ଯ୍ୟ ଜନକ ଭାବେ କବିତା ତାଙ୍କୁ କେବେ ଆକୃଷ୍ଟ କରିପାରି ନ ଥିଲା । ଏହା ଥିଲା ଏକ ଆଶ୍ଚର୍ଯ୍ୟ ଜଗତର କଥା, ତାଙ୍କ କଳ୍ପନା ଜଗତକୁ ଏସବୁ ଉପନ୍ୟାସ ପଠନ ହିଁ ଆଲୋକିତ କରିଥିଲା । ସେ ଯେତେବେଳେ ତାଙ୍କ ଅତୀତ ଜୀବନକୁ ପୂର୍ବାବଲୋକନ କଲେ ସେହି ମନୋଭୂମିରେ କବିତା ଆପଣା ଛାଏଁ ଆସି ପହଞ୍ଚି ଗଲା, ଖୁବ୍ ଧୀରେ ଧୀରେ । ବିଦ୍ୟାଳୟ ସ୍ତରରେ ସେ ପଢ଼ିଥିବା 'ଲର୍ଡ ୟୁଲିନ୍ସ ଡ଼ଟର' ଓ 'ଦି ଲେଡ଼ି ଅଫ୍ ଶାଲୋଙ୍ଗ' ପ୍ରଭୃତି ରୋମାଣ୍ଟିକ୍ ଇଂରାଜୀ କବିତା ତାଙ୍କ ସ୍ମୃତି ଜାଗରୁକ ହୋଇଉଠିଥିଲା । କିଛି ବର୍ଷ ପରେ, ପ୍ରାୟତଃ ଅଠତିରିଶ ବର୍ଷ ବୟସ ବେଳକୁ ଯେତେବେଳେ ଲେଖକମାନେ ସାଧାରଣତଃ ତାଙ୍କର ଶ୍ରେଷ୍ଠ କୃତି ଲେଖି ସାରିଥା'ନ୍ତି, ସେତିକି ବେଳେ ସେ ତାଙ୍କର ପ୍ରଥମ କବିତା ରଚନା ଆରମ୍ଭ କଲେ । ତାପରେ ଗୋଟିଏ ପରେ ଗୋଟିଏ କବିତା ଲେଖି ଚାଲିଲେ ।

ଆଶାଜନକ ଭାବେ ୧୯୬୯ ମସିହାରେ ବ୍ରିଟେନ୍‌ର ଲଣ୍ଡନଠାରେ ଇଣ୍ଟରନ୍ୟାସନାଲ ହୁଜ୍ ହୁ ଇନ୍ ପୋଏଟ୍ରି ତରଫରୁ ଆୟୋଜିତ ଏକ କବିତା ପ୍ରତିଯୋଗିତାରେ ଭାଗନେବାକୁ ଯାଇ ସେ ଯେଉଁ କବିତା ପଠାଇଥିଲେ ତାହା ସେଠାରେ ଗୃହୀତ ହୋଇଥିଲା । ୧୯୭୦ ମସିହାରେ ସେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ପାଇବା ସହିତ ପୁରସ୍କୃତ ହୋଇଥିଲେ । ପ୍ରଫେସର ସି.ବି.କକ୍ସ ଓ ଏ.ଇ.ଡାଇସନ୍‌ଙ୍କ ଦ୍ୱାରା ସମ୍ପାଦିତ ସମ୍ମାନଜନକ ସାହିତ୍ୟ ପତ୍ରିକା 'କ୍ରିଟିକାଲ କ୍ୱାର୍ଟରଲି'ରେ ପ୍ରଥମ ଭାରତୀୟ କବିଙ୍କ କବିତା ଭାବେ ତାହା ପ୍ରକାଶିତ ହୋଇଥିଲା ଏବଂ ଏହା ପରେ ପରେ ତାଙ୍କ କବିତା ଆମେରିକାର ସିକାଗୋରୁ ପ୍ରକାଶିତ 'ପୋଏଟ୍ରି' ପତ୍ରିକା ପ୍ରକାଶ ପାଇଲା । ୧୯୭୫ ମସିହାରେ ସେହି ପୋଏଟ୍ରି ପତ୍ରିକାରେ ତାଙ୍କର ଏଗାରଟି କବିତା ଏକତ୍ର ପ୍ରକାଶ ପାଇବା ସହିତ ତାଙ୍କୁ ମିଳିଥିଲା ଜାକବ୍ ଗ୍ଲାଟଷ୍ଟେଇନ୍ ମେମୋରିଆଲ୍ ପ୍ରାଇଜ୍ ।

ଧୀର ଧୀର ପଦପାତରେ ଚାଲିଲା ତାଙ୍କ କାବ୍ୟଯାତ୍ରା । କିନ୍ତୁ ତାଙ୍କ ସଂଶୟାଚ୍ଛନ୍ନ ମାନସିକତା ତାଙ୍କୁ ବାସ୍ତବରେ ଠିଆ କରାଇଦେଇଥିଲା କବିତାର ଏକ ବିସ୍ତୃତ ଓ ବିଶାଳ କ୍ଷେତ୍ରରେ । ସେହି ବର୍ଷ ଆମେରିକାର ଜର୍ଜିଆ ପ୍ରେସ ପ୍ରକାଶନ ସଂସ୍ଥା ନିକଟରେ ସେ ତାଙ୍କର ପ୍ରଥମ କବିତା ପାଣ୍ଡୁଲିପି ଉପସ୍ଥାପନ କଲେ ଏବଂ ତାହା ମିଳିଥିବା ସମସ୍ତ ପାଣ୍ଡୁଲିପି ମଧ୍ୟରେ ସର୍ବଶ୍ରେଷ୍ଠ ବୋଲି ବିବେଚିତ ହୋଇ ୧୯୭୬ ମସିହାରେ 'ଏ ରେନ୍ ଅଫ୍ ରାଇଟ୍ସ' ଶୀର୍ଷକରେ ଏକ କବିତା ସଙ୍କଳନ ଭାବେ ପ୍ରକାଶିତ ହୋଇଥିଲା ।

୧୯୭୬ ମସିହାରେ ପ୍ରସିଦ୍ଧ ଆମେରିକୀୟ କବି ତଥା ଆଇଓ୍ୱା ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ଲେଖକ କର୍ମଶାଳାର ନିର୍ଦ୍ଦେଶକ ତାଙ୍କ କବିତାରେ ମୁଗ୍ଧ ହୋଇ ସେଠାରେ ଅନୁଷ୍ଠିତ ହେଉଥିବା ଚାରିମାସ ବ୍ୟାପୀ ଅନ୍ତର୍ଜାତୀୟ କର୍ମଶାଳାରେ ଯୋଗଦେବାକୁ ଆମନ୍ତ୍ରଣ ଜଣାଇଲେ । ଏହା ତାଙ୍କ ପାଇଁ ଏକ ଅବିସ୍ମରଣୀୟ ଅବସର ହୋଇଗଲା । ସେହି ଆଇଓ୍ୱା କର୍ମଶାଳାରେ ସାରା ବିଶ୍ୱର ବିଭିନ୍ନ ଭାଷାର ଅନ୍ୟ ବାଇଶ ଜଣ କବି ଲେଖକଙ୍କ ସହ ସେ କବିତା ସମ୍ପର୍କରେ ମତବିନିମୟ କରିବାର ପ୍ରତ୍ୟକ୍ଷ ସୁଯୋଗ ଲାଭ କଲେ ।

ପରେ ପରେ ୧୯୭୬ ମସିହାର ଶୀତଋତୁରେ ସେହି ବିଖ୍ୟାତ କବିତା ପତ୍ରିକା ପୋଏଟ୍ରିର ସମ୍ପାଦକ ତାଙ୍କୁ ସିକାଗୋକୁ ଆମନ୍ତ୍ରଣ କଲେ - ଏକ ନୈଶ୍ୟଭୋଜିରେ ଯୋଗ ଦେଇ କବିତା ସମ୍ପର୍କରେ କିଛି ବକ୍ତବ୍ୟ ଉପସ୍ଥାପନ କରିବା ପାଇଁ । ଇଏ ଥିଲା ଓଡ଼ିଶା ପରି ଏକ ଦୁରନ୍ତ ଅଞ୍ଚଳରେ ବସବାସ କରିଆସୁଥିବା କବି ଜୟନ୍ତ ମହାପାତ୍ରଙ୍କ ପାଇଁ ଏକ ମହାର୍ଘ ଅବସର । ଆଇଓ୍ୱାରେ ଥିବା ବେଳେ ସେହି ବର୍ଷ ଆମେରିକାର ସର୍ବପୁରାତନ ସାହିତ୍ୟ ପତ୍ରିକା 'ସେଓ୍ୱାନୀ ରିଭ୍ୟୁ' ପତ୍ରିକାର ସମ୍ପାଦକ ତାଙ୍କୁ ଟେନେସୀସ୍ଥିତ ସେଓ୍ୱାନୀ ଦକ୍ଷିଣ ବିଶ୍ୱବିଦ୍ୟାଳୟରେ କବିତା ପାଠ



କରିବାକୁ ଆମନ୍ତ୍ରଣ ଜଣାଇଥିଲେ ।

ସେ ଏକ ନୂଆ ବିଶ୍ୱାସ ନେଇ ଓଡ଼ିଶା ଫେରିଆସିଲେ । ଏପରି ଏକ ଅଭୂତପୂର୍ବ ସୁଯୋଗ ପ୍ରାପ୍ତି ପାଇଁ କବି ନିଜକୁ ଭାଗ୍ୟବାନ ମନେ କଲେ ଏବଂ ଅନୁଭବ କଲେ ଯେ ତାଙ୍କ କାବ୍ୟଜୀବନ ଏଯାଏ ଆରମ୍ଭ ହୋଇନାହିଁ । ଜଣେ କବି ହେବାକୁ ହେଲେ ତାଙ୍କୁ ଆହୁରି ପଢ଼ିବାକୁ ଓ ଲେଖିବାକୁ ପଡ଼ିବ - ଇଏ ଥିଲା ନିଜ ପାଇଁ ଏକ ଆହ୍ୱାନ । ଇଏ ଏକ କଠିନ କାର୍ଯ୍ୟ ନିଶ୍ଚୟ । ଧୀରେ ଧୀରେ ତାଙ୍କ କବିତା ନିଜସ୍ୱ ଧାରାରେ ଚାଲିଲା । ୧୯୮୦ ମସିହାରେ ତାଙ୍କ ରଚିତ ଏକ ଦୀର୍ଘ କବିତା 'ରିଲେସନସିପ୍' ଆମେରିକାରୁ ପ୍ରକାଶ ପାଇଲା ଏବଂ ତା'ପର ବର୍ଷ ସାହିତ୍ୟ ଅକାଦେମୀ ଦ୍ୱାରା ପୁରସ୍କୃତ ହେଲା । କହିବାରେ ହୁଏତ ଆବଶ୍ୟକତା ନାହିଁ ଯେ ତାଙ୍କୁ ଏକ ଆତ୍ମସନ୍ତୋଷ ମିଳିଲା ଯେ ତାଙ୍କ ରଚିତ କବିତା ସାହିତ୍ୟ ଅକାଦେମୀ ଦ୍ୱାରା ସ୍ୱୀକୃତି ପାଇଲା । ଏହା ପରେ ତାଙ୍କ କବିତା ସଙ୍କଳନ ନିର୍ଦ୍ଦିଷ୍ଟ ଅନ୍ତରାଳରେ ଗୋଟିଏ ପରେ ଗୋଟିଏ ପ୍ରକାଶ ପାଇ ଚାଲିଲା । କିନ୍ତୁ ପୁଣି ଥରେ ତାଙ୍କର ଅନୁଭବ ହେଲା ସତେ ଯେମିତି କିଛି ନିରୁଦ୍ଦେଶ ହୋଇଯାଉଛି ଯାହା ସେ ନିଜେ ବ୍ୟକ୍ତ କରିପାରୁନାହାନ୍ତି । ଏହି ଶୂନ୍ୟତା ତାଙ୍କୁ ବିବଶ କରିଦେଉଥିଲା । ସେ ଚିନ୍ତା କଲେ ଏଯାଏ ସେ ଯାହା କିଛି ଇଂରାଜୀ ଭାଷାରେ ଲେଖିଚାଲିଲେ ସେସବୁ ତାଙ୍କୁ ତାଙ୍କ ମାତୃଭାଷା ଓଡ଼ିଆରେ ଲେଖିବାର ଥିଲା । ଆଉ ଏଇ ନିର୍ଣ୍ଣୟ ନିଶ୍ଚିତ ଭାବେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା ।

ଆଉ ଆଜି ସେ କୋଡ଼ିଏ ଖଣ୍ଡ ଇଂରାଜୀ କବିତା ସଙ୍କଳନ ସହିତ ଓଡ଼ିଆ ଭାଷାରେ ନଅଖଣ୍ଡ କବିତା ସଙ୍କଳନର ସ୍ରଷ୍ଟା । ଜୟନ୍ତ ମହାପାତ୍ରଙ୍କ ଏଇ ନିରନ୍ତର କାବ୍ୟଯାତ୍ରାର ଫଳଶ୍ରୁତି । ଆନନ୍ଦର କଥା, ତାଙ୍କ ଆତ୍ମଜୀବନୀ 'ପାହିନି ରାତି' ଇଂରାଜୀରେ ନୁହେଁ, ଓଡ଼ିଆ ଭାଷାରେ ହିଁ ପ୍ରକାଶିତ ହୋଇଛି । ଇଂରାଜୀ ଅନୁବାଦ କାର୍ଯ୍ୟରେ ସେ ଢେର ସମୟ ବ୍ୟୟ କରିଛନ୍ତି । ଓଡ଼ିଆ ଭାଷାରେ କବିମାନଙ୍କ ବହୁ କବିତା ସେ ଇଂରାଜୀରେ ଅନୁବାଦ କରିଛନ୍ତି ଏବଂ ଏକ୍ଷେତ୍ରରେ ତାଙ୍କର ଦଶଟି ଅନୂଦିତ ସଙ୍କଳନ ରହିଛି । ତାଙ୍କ ରଚିତ ଇଂରାଜୀ କବିତା ସଙ୍କଳନ ଗୁଡ଼ିକ ମଧ୍ୟରେ ରହିଛି - କ୍ଲୋଜ୍ ଦି ସ୍କାଇ, ଟେନ୍ ବାଇ ଟେନ୍, ଏ ରେନ୍ ଅଫ୍ ରାଇଟ୍ସ, ଲାଇଫ୍ ସାଇନ୍‌ସ, ଏ ହ୍ୱାଇଟ୍‌ନେସ୍ ଅଫ୍ ବୋନ୍, ବର୍ଡନ ଅଫ୍ ୱେଭ୍‌ସ ଆଣ୍ଡ ଫ୍ରୁଟ୍, ସାଡ୍ରୋ ସ୍ପେସ୍, ଦି ଲାଇ ଅଫ୍ ଡନ୍ସ: ପୋଏମ୍ସ ୧୯୭୪-୨୦୦୮, ହେଜିଟାଣ୍ଟ ଲାଇଟ୍, ସ୍କାଇ ୱିଦାଉଟ୍ ସ୍କାଇ ପ୍ରମୁଖ ଏବଂ ଓଡ଼ିଆ କବିତା ସଙ୍କଳନ ମଧ୍ୟରେ ରହିଛି - ବଳି, ଟିକିଏ ଛାଇ, ବାୟାରଜା, ସ୍ମୃତି ପରି କିଛିଟି, ଦଶଟି କବିତା ଓ କବିତା ସମଗ୍ର । ତାଙ୍କ ରଚିତ କ୍ଷୁଦ୍ରଗଳ୍ପଗୁଡ଼ିକ 'ଦି ଗ୍ରୀନ୍ ଗାର୍ଡ଼ନର ଆଣ୍ଡ ଅଦର ଷ୍ଟୋରିଜ୍' ଶୀର୍ଷକରେ ପ୍ରକାଶିତ । ଯଦିଓ ଅନିୟମିତ ତେବେ ବି ତାଙ୍କ ସମ୍ପାଦିତ ସାହିତ୍ୟ ପତ୍ରିକା 'ଚନ୍ଦ୍ରଭାଗା' ବିଭିନ୍ନ ଭାରତୀୟ ଭାଷାର କବିତା ଗୁଡ଼ିକର ଇଂରାଜୀ ଭାଷାରେ ଅନୂଦିତ ହୋଇ ପ୍ରକାଶ ପାଉଛି ।

ଅନ୍ତର୍ଜାତୀୟ ସାହିତ୍ୟ ଉତ୍ସବରେ ଅତିଥି ଭାବେ ଯୋଗ ଦେବା ପାଇଁ ଆମନ୍ତ୍ରଣ ସହିତ ତାଙ୍କର ବିଭିନ୍ନ ପୁରସ୍କାର ପ୍ରାପ୍ତି ସ୍ୱାଭାବିକ ଭାବେ ଆସୁଛି । ଜାକବ୍ ସ୍ମୃତି ପୁରସ୍କାର ଓ ସାହିତ୍ୟ ଅକାଦେମୀ ପୁରସ୍କାର ସହିତ ସେ ଗଙ୍ଗାଧର ମେହେର ଜାତୀୟ କବିତା ପୁରସ୍କାର, ରାମକୃଷ୍ଣ ଜୟଦୟାଲ ହାର୍ମୋନୀ ଆୱାର୍ଡ଼, ସାର୍କ ସାହିତ୍ୟ ପୁରସ୍କାର, କନ୍ହେୟାଲାଲ୍ ଲାଇଫ୍‌ଟାଇମ୍ ପୋଏଟ୍ରି ଆୱାର୍ଡ଼, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡି.ଲିଟ୍ ଉପାଧି ଓ ଭାରତର ରାଷ୍ଟ୍ରପତିଙ୍କ ପ୍ରଦତ୍ତ ପଦ୍ମଶ୍ରୀ ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି । ଏବେ ବି ସେ ନିରନ୍ତର ଭାବେ




କାବ୍ୟ ସର୍ଜନାରେ ରହିଛନ୍ତି ଏବଂ ବିଶ୍ୱର ବହୁ ପ୍ରସିଦ୍ଧ ପତ୍ରିପତ୍ରିକାରେ ତାଙ୍କ କବିତା ପ୍ରକାଶିତ ହେଉଛି । ସେଥିମଧ୍ୟରୁ ଆମେରିକାର ଦି ନ୍ୟୁୟର୍କର, ଦି ହଡ଼ସନ୍ ରିଭ୍ୟୁ ଓ ବ୍ରିଟେନ୍‌ର ଦି ଟାଇମ୍ସ ଲିଟେରାରୀ ସପ୍ଲିମେଣ୍ଟ ଅନ୍ୟତମ । ସମ୍ଭବତଃ କାବ୍ୟସର୍ଜନା ତାଙ୍କୁ ତାଙ୍କ ଜୀବନର ସର୍ବଶ୍ରେଷ୍ଠ ଉପଲବ୍ଧି ଆଣି ଦେଇଛି ।

କବି ଜୟନ୍ତ ମହାପାତ୍ରଙ୍କ କବିତାକୁ ବୁଝିବା ପାଇଁ କବି ସ୍ୱୟଂ ଏକ ସୂତ୍ର ପ୍ରଦାନ କରିଛନ୍ତି -

'ମୋ କବିତା ମୋ ଜୀବନ ସହିତ ଓତପ୍ରୋତ ଭାବେ ଜଡ଼ିତ, ଯେଉଁଠି ମୋ ମନ ବାହ୍ୟ ଜଗତର ବସ୍ତୁ ଓ ଘଟଣା ସହିତ ଏକ ପ୍ରକାର ସାମଞ୍ଜସ୍ୟ ସ୍ଥାପନ କରିବାରେ ପ୍ରୟାସ କରିଥାଏ ।' (ସଣ୍ଡେ ଅବ୍‌ଜରଭର ଇଣ୍ଟରଭ୍ୟୁ, ମେ ୨୭ ୧୯୮୪)

କବି ଜୟନ୍ତ ମହାପାତ୍ରଙ୍କୁ ସାହିତ୍ୟ ଅକାଦେମୀ ତାହାର ସର୍ବୋଚ୍ଚ ସମ୍ମାନ ଅର୍ପଣ କରି ନିଜକୁ ଗୌରବାନ୍ୱିତ ମନେ କରୁଛି ।

**(୨୫ ମେ ୨୦୧୯, କଟକ)**

## ଜୀବନର ଅଭିବ୍ୟକ୍ତି ପ୍ରକାଶର ପ୍ରଥମ ମାଧ୍ୟମ ହେଉଛି କବିତା
## -ଜୟନ୍ତ ମହାପାତ୍ର

ସାହିତ୍ୟ ଅକାଦେମୀ ମୋତେ ତାହାର ସର୍ବୋଚ୍ଚ ସମ୍ମାନ ଫେଲୋଶିପ୍ ପ୍ରଦାନ କରିଥିବାରୁ ମୁଁ କୃତଜ୍ଞତା ଜଣାଇବା ସହିତ ବିନମ୍ରତାର ସହ ତାହା ସ୍ୱୀକାର କରୁଛି । ଏହି ଅବସର ମୋତେ ମୋ ବିଷୟରେ ଓ ମୋ କାବ୍ୟିକ ସୃଜନ ପ୍ରକ୍ରିୟା ବିଷୟରେ କିଛି କହିବା ପାଇଁ ସାହସ ଦେଇଛି, ଏହାକୁ ଅନ୍ୟ  କୌଣସି ବ୍ୟକ୍ତିଙ୍କ ଦୃଷ୍ଟିକୋଣରୁ ଦେଖିଲେ ତାହା ମନେହେବ ଯେ କଳାତ୍ମକ ସୃଜନଶୀଳତା ଉପରେ ମୋର କମ୍ ଅଧିକାର ରହିଛି ।

ସତ କହିବାକୁ ଗଲେ, ମୁଁ ଏକଥା ସ୍ୱୀକାର କରିବି ଯେ ଜଣେ ପର୍ଯ୍ୟଟକ ତାଜମହଲ ଦେଖିବାକୁ ଆସିବା ପରି ମୁଁ କବିତା କ୍ଷେତ୍ରକୁ ପ୍ରାୟ ଅଠତିରିଶ ବର୍ଷ ବୟସରେ ଚାଲିଆସିଥିଲି । ଜଣେ ପଦାର୍ଥ ବିଜ୍ଞାନୀ ଭାବେ ମୁଁ ପ୍ରଶିକ୍ଷିତ ଥିଲି ଏବଂ ସେତେବେଳେ କବିତା ବିଷୟରେ ମୋର କୌଣସି ଧାରଣା ହିଁ ନଥିଲା । ସେତେବେଳେ ମୁଁ କେବଳ ଶବ୍ଦଗୁଡ଼ିକୁ ନେଇ ଗୁଣୁଗୁଣଉ ଥିଲି । ଏମିତି ଏକ ଅବସ୍ଥାରେ ମୋର ପ୍ରଥମ କବିତାଟି ଆଶ୍ଚର୍ଯ୍ୟଜନକ ଭାବେ ଉତୁରି ଆସିଥିଲା । ଏବେ ମୁଁ ଜାଣିଛି, ସେସବୁ ଥିଲା କେବଳ ହିଁ ଏକ ଅୟମାରମ୍ଭ । ମୋତେ ଲାଗିଥିଲା ଏହାକୁ ଏକ କବିତା ବୋଲି କୁହାଯାଇପାରିବ ନାହିଁ ।

ମୁଁ କହିପାରିବି ନାହିଁ ଏପରି କେମିତି ହେଲା । ଅଚାନକ ମୋ ସାମ୍ନାରେ ଓ ନିକଟରେ କାହିଁ କେତେ ବର୍ଷରୁ ଛିଡ଼ା ହୋଇଥିବା କାନ୍ଥଟି ହଠାତ୍ ଭାଙ୍ଗିଗଲା । ସେହି କାନ୍ଥ ସମ୍ଭବତଃ ମୋ ବାଲ୍ୟକାଳର ବଞ୍ଚନା ଓ ଯୌବନର ଅସନ୍ତୋଷରୁ ଜନ୍ମ ନେଇଥିଲା ଏବଂ ମୋତେ ତାହାର ଅନ୍ତହୀନତା ଆଡ଼କୁ ନେଇଯାଇ ମୋ ଭିତରେ ଏକ ନୈରାଶ୍ୟ ଓ ପରାଜୟର ଭାବ ତିଆରି କରିଦେଇଥିଲା । ତାହା ଏହି ପୃଥିବୀ ସକାଶେ ମୋତେ ଏକ ଅନାବୃତ ନିଶାଣଟିଏ କରିଦେଇଥିଲା । କିନ୍ତୁ କବିତା ମୋ ଜୀବନ ପରିଧି ଭିତରକୁ ଆସିଯିବା ପରେ ସେସବୁ କଥାର ପରିବର୍ତ୍ତନ ଘଟିଲା । ଆଉ ଏଯାଏ, ଏଇ ପଚାଶ ବର୍ଷ ବା କିଛି ଅଧିକ କାଳ ଧରି ମୁଁ ଲେଖି ଚାଲିଛି ହେଲେ ସେସବୁ କିଛି ହିଁ ବଦଳି ଯାଇନାହିଁ । ମୁଁ ଆଜି ସେହିସବୁ ଭିତରୁ କେତେକ ପ୍ରସଙ୍ଗ ଉପରେ ବିଶ୍ୱାସ ରଖିଛି, ଯାହା ଉପରେ ମୋର ବିଶ୍ୱାସ ରହିଆସି ଥିଲା କାରଣ ସେ ଗୁଡ଼ିକ ଥିଲା 'ନୀତି', 'ଦୃଷ୍ଟି' ଓ 'ମୂଲ୍ୟବୋଧ' ପରି ଶବ୍ଦ, ଯାହାକୁ ଏଇ ତଥାକଥିତ ଉତ୍ତର- ଆଧୁନିକ ଯୁଗରେ ବହୁ ପ୍ରଚଳିତ ପ୍ରାଚୀନ ଶବ୍ଦ ବୋଲି କୁହାଯାଉଛି ।

ସେ ଯାହାହେଉ, ମୋ ପାଇଁ କବିତା ଜୀବନର ସକଳ ଅଭିବ୍ୟକ୍ତିକୁ ପ୍ରକାଶ କରିବାର ମାଧ୍ୟମ ଗୁଡ଼ିକ ମଧ୍ୟରେ ପ୍ରଥମ ମାଧ୍ୟମ । କାରଣ ମୁଁ ବିଶ୍ୱାସ କରେ ଯେ କବିତା ଜୀବନରୁ ହିଁ ନିଃସୃତ ହୋଇଥାଏ; ଅନ୍ୟ କୌଣସି ମାଧ୍ୟମରୁ ନୁହେଁ । ମୁଁ ଏବେ ବି ଭାବୁଛି ଏଇ କବିତା ଆମ ପାଦତଳର ଧୂଳି ସହିତ ମିଶି ରହିଛି, କାଦୁଅ ଲାଗିଥିବା ବୁଢ଼ା ଓ ପିଲାମାନଙ୍କ ଜୋତା, ଦେହର ଚର୍ମ, ଲୁହ ଲହୁ, ଘାସ, ଜୁଳୁଜୁଳିଆ



ପୋକ ଓ ଆକାଶର ନୀଳରଙ୍ଗରେ ମିଶିରହିଛି । ହଁ, ବେଳେ ବେଳେ ତାହା ସମ୍ବାଦପତ୍ରର ଖବର, କଳା ଓ ଆମ ସମାଜ ଭିତରେ ମଧ୍ୟ ବିଦ୍ୟମାନ ଥାଏ । ମୋ ମତରେ ଶ୍ରେଷ୍ଠ କାବ୍ୟ-ବିଷୟ ଆକାବ୍ୟାତ୍ମକ ହୋଇ ରହିଥାଏ । କବିତାର ଇତିହାସ ହିଁ ଅକାବ୍ୟ ବା ଆଣ୍ଟିପୋଏଟ୍ରିର ଇତିହାସ ।

ଏ ସବୁ ସତ୍ତ୍ୱେ ମୁଁ କେବେ ବି ଓଡ଼ିଶା ବିଷୟରେ କବିତା ଲେଖିବାରୁ ବିରତ ହୋଇନାହିଁ । ଇଏ ହେଉଛି ମୋ ଜନ୍ମସ୍ଥାନ ଏବଂ ଏଇଠି ମୁଁ ମୋ ସମଗ୍ର ଜୀବନ ବିତାଇ ଆସିଲିଣି । ଓଡ଼ିଶା ବିଷୟରେ ମୁଁ ବେଶ ସମ୍ବେଦନଶୀଳ ଯାହା ହୁଏତ ଭଲ କଥା ନୁହେଁ । କିନ୍ତୁ ମୋ ହୃଦୟରେ ଜୁଆର ଭଟ୍ଟାର ସ୍ପନ୍ଦନରେ ଉଠୁଥାଏ, ପଡୁଥାଏ ଦିନ ରାତିର ପ୍ରତିକ୍ଷଣ । ଏପରିକି ଏହି ପ୍ରକ୍ରିୟା ଋତୁଚକ୍ରର ବିବର୍ତ୍ତନରେ ବି ନିରନ୍ତର ଚାଲିଥାଏ । ଏହି ହୃଦୟ ଓଡ଼ିଶା ଇତିହାସର କ୍ଷତ ଉପଶମ ପାଇଁ ପଟି ବାନ୍ଧିବାକୁ ପ୍ରୟାସ କରିଥାଏ ଯାହା କ୍ଷୀଣ ପବନରେ ଉଡ଼ି ଅଦୃଶ୍ୟ ହୋଇଯାଏ ।

କାହିଁ କେତେ ବର୍ଷ ବିତି ଗଲାଣି । ମୋତେ ବାସ୍ତବରେ ଅନୁଭବ ହୋଇଥାଏ ଯେ ଲେଖାଲେଖି ଯେତିକି ବା ଯାହା ଆମ ଠାରୁ ନେଇଥାଏ ତାହା ଠାରୁ ଢେର ଆମକୁ ଫେରାଇ ଦେଇଥାଏ । ନିଶ୍ଚିତ ଭାବେ ରଚନାର ପୁରସ୍କାର ରଚନାକାର ହେବାଠାରୁ ଅଧିକ ହୋଇଥାଏ, ସାଧାରଣତଃ ଏସବୁ କବିମାନଙ୍କ କ୍ଷେତ୍ରରେ ହିଁ ହୋଇଥାଏ । ଆଧ୍ୟାତ୍ମିକ ଜୀବନ, ଯେପରିକି ଖୁସି ଜୀବନ ଯାପନ କାହାରି କାହାରି ପସନ୍ଦ ହୋଇଥାଏ ସେହିପରି କବିତାରୁ ତାହା ପାଇଯିବା ମଧ୍ୟ କିଛି ଲୋକଙ୍କ ପାଇଁ ଏକ ମାଧ୍ୟମ ହୋଇଥାଏ । ଏକଥା ଅସ୍ୱୀକାର କେହି କରିପାରିବେ ନାହିଁ ଯେ କବିତା ଲେଖିବା ଏକ ସ୍ୱାଭାବିକ ଓ ସତ ମାନବୀୟ ସୃଜନ ପ୍ରୟାସ । ମୁଁ ବିଶ୍ୱାସ କରେ ଯେ ଆମମାନଙ୍କ ମଧ୍ୟରେ ଯେଉଁମାନେ ଦୀର୍ଘକାଳ ଧରି କବିତା ଲେଖି ଆସୁଛନ୍ତି, ସେମାନେ ଏହାକୁ ନିରନ୍ତର ଭାବେ ଲେଖି ନ ପାରିବା ହେତୁ ଅସହାୟ ଅବସ୍ଥାରେ ଅଛନ୍ତି ।

ଏପରିକି ମୁଁ ଆଜି ଯଦି କବିତା ଲେଖିବାକୁ ବସି ପଡ଼ିବି, ମୋତେ ଲାଗିବ ଯେ ଏହି ପୃଥିବୀ ପାଇଁ ମୋର ଆଉ ଖଣ୍ଡେ କବିତା ପୁସ୍ତକର କୌଣସି ଆବଶ୍ୟକତା ହିଁ ନାହିଁ । କିନ୍ତୁ ମୋତେ ଲାଗେ ଲେଖାଲେଖି କରିବା ହିଁ ହେଉଛି ମୋର ସର୍ବୋତ୍ତମ ଆତ୍ମ ନିବେଦନ । ରଚନା କର୍ମ ହିଁ ସକଳ ବିରୋଧକୁ ଧ୍ୱଂସ କରି ଦେଇ ମୋ ଜୀବନରେ ସୂର୍ଯ୍ୟାଲୋକ ନେଇ ଆସିଥାଏ । ଏଇ ଯେପରି କୁହୁଡ଼ିଆ ସକାଳେ କାଠଯୋଡ଼ି କୂଳରେ ଥିବା ଗଛଗୁଡ଼ିକ ମୋ ସହିତ ଚାଲୁଛନ୍ତି ଆଉ ମୁଁ ନିରନ୍ତର ଭାବେ ଲେଖିଚାଲିଛି । ମୁଁ ଜୀବନର ମୂଳକୁ ଛୁଇଁଛି ଯେପରି ମୁଁ ଓ ମୋ ପତ୍ନୀ ପରସ୍ପର ପ୍ରତି ପ୍ରେମାଶକ୍ତ ହୋଇଥିଲୁ । କିନ୍ତୁ ରଚନା କର୍ମ ଅଧିକ ଶକ୍ତିଶାଳୀ । ଅନେକ ଦିନ ଦେଖିଛି, ମୁଁ ଚାହୁଁଥିବା କବିତାଟିଏ କାଗଜ ପୃଷ୍ଠାକୁ ଉତୁରି ଆସେ ନାହିଁ ଯଦିଓ କବିତାର ପୃଷ୍ଠାରେ ମୁଁ ବିଞ୍ଚି ଦେଇଥାଏ ଅନେକ ଗୁଡ଼ିଏ ଶବ୍ଦ । ତେଣୁ ମୋର ହତାଶା ଓ କ୍ରୋଧ ଅନୁଭବ ହୋଇଥାଏ । ଏସବୁ ସତ୍ତ୍ୱେ ମୋ ମନ ଚୁପ୍‌ଚାପ ସଂଗୋପନରେ ଆତ୍ମାର ଏକ ବିମାନରେ ଉଡ଼ିଯାଏ ଆଉ ଶବ୍ଦ ଗୁଡ଼ିକ ତଳେ ଏକ ଛୋଟ ଶାନ୍ତିଟିଏ ଜନ୍ମ ନେଇନିଏ ।

ଆଜି ମୋର ମନେପଡୁଛି ଏବଂ ଦେଖୁଛି ଯେ ସୃଜନ କର୍ମ ବା କବିତାର ଏକ ସଙ୍କଳନ ଜୀବନ ନୁହେଁ । କିନ୍ତୁ ରଚନା ହିଁ ଜୀବନ୍ତ ଏବଂ ଏବେ ବିଶେଷ ରୂପେ ମୁଁ ମୋର ସମସ୍ତ ଶକ୍ତି ସହିତ ବଞ୍ଚି ରହିବାକୁ ଚାହେଁ ।

କିନ୍ତୁ ଯେତେବେଳେ ଜୀବନ ଆଉ ରହିନାହିଁ ମୁଁ କିପରି ଅବା ବଞ୍ଚି ରହିବି ?